The Odisha Gazette

EXTRAORDINARY

PUBLISHED BY AUTHORITY

No. 202 CUTTACK, MONDAY, JANUARY 25, 2016/MAGHA 5, 1937

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 5 ଜାନୁଆରୀ 2016

ସଂଖ୍ୟା 373—RDM-LAA-MBJ-0016/2015-R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପାଟିଆ ସିମିଳି ଓ ହଳଦିଆ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିମନ୍ତେ ମୌଜା କାମତା, ଥାନା କୋଳିଅଣା, ତହସିଲ କୋଳିଅଣା, ଜିଲ୍ଲା ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ 0.02 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013ର ଧାରା 11(1) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

1. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ—ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ।

2. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ—ନିର୍ବାହୀ ଯନ୍ତ୍ରୀ, ବେତନଟୀ କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ ।

3. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ—ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରୀ କରିବା ।

4. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ—ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

5. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ—ଉପଜିଲ୍ଲାପାଳ, ମୟୂରଭଞ୍ଜ ।

6. ଜମିର ବିବରଣୀ—

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	ପ୍ଲଟ୍‌ର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତ୍‌ର ନାମ
1	2	3	4	5	6	7	8	9
ମୟୁରଭଞ୍ଜ	କୋଳିଅଣା	କାମତା	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	0.80 ଏକର	0.02 ଏକର	ଏଥି ସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ ୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର 60 ଦିନ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ଭୂମି ଅନୁସୂଚୀ

ଖାତା ନଂ ଓ ସତ୍ତ୍ୱ	ପ୍ଲଟ ନଂ	ମୋଟ ରକବା	ଆକ୍ୟୁଆର ରକବା	କିସମ	ପ୍ରଜାଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ	ମନ୍ତବ୍ୟ
(1)	(2)	(3)	(4)	(5)	(6)	(7)
59	237	0.80	0.02	ଶାରଦ ତିନି	ନିତ୍ୟାନନ୍ଦ ବେହେରା, ପି-କୈଳାସ ବେହେରା, ଜା-କୁମ୍ଭାର, ବା-ନିଜଗାଁ ।	
ସର୍ବମୋଟ ୧ ପ୍ଲଟକୁ ରକବାଏ			0.02			

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
ଅଭୟ କୁମାର ନାୟକ
ଯୁଗ୍ମ ଶାସନ ସଚିବ

Printed and Published by the Director of Printing, Stationery and Publication, Odisha, Cuttack-10
Ex. Gaz 1503–173+20